# NATIONAL NEWS BULLETIN (ODIA)

## 14 August 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଜି ଦେଶବାସୀଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି ।

- ଭାରତ-ଲାଇବେରିୟା ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଦ୍ୱିପାକ୍ଷିକ ଆଲୋଚନା ।

- ଉତ୍ତରାଖଣ୍ଡର ଚାମୋଲିରେ ଭୂସ୍ଖଳନ ଯୋଗୁଁ ୬ ଜଣଙ୍କ ମୃତ୍ୟୁ, ୧୪ ଗୁରୁତର ।

ଏବଂ

- ଦେଶ ବିଭାଜନର ଯନ୍ତ୍ରଣାକୁ ମନେ ପକାଇ ଆଜି ପାଳନ କରାଯାଉଛି ବିଭାଜନ ବିଭିଷିକା ସ୍ମୃତି ଦିବସ ।

## ପ୍ରେଜ୍ ଆଡ୍ରେସ

୮୦ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଆଜି ସଂଧ୍ୟା ୭ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ । ରାଷ୍ଟ୍ରପତିଙ୍କର ଏହି ଉଦ୍‌ବୋଧନ ଆକାଶବାଣୀର ସମସ୍ତ ଜାତୀୟ ନେଟୱ୍ୱର୍କ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲରେ ପ୍ରଥମେ ହିନ୍ଦୀ ଓ ପରେ ପରେ ଇଂରାଜୀ ଭାଷାରେ ଉପଲବ୍ଧ ହେବ । ଦୂରଦର୍ଶନର ଆଞ୍ଚଳିକ ଚ୍ୟାନେଲ ଗୁଡ଼ିକରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନର ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରସାରଣ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ମଧ୍ୟ ପ୍ରସାର କରାଯିବ । ଆକାଶବାଣୀ ପକ୍ଷରୁ ରାଷ୍ଟ୍ରପତିଙ୍କ ଭାଷଣର ଆଞ୍ଚଳିକ ଭାଷାନ୍ତରଣ ଆଜି ରାତି ୯ଟା ବାଜି ୩୦ ମିନିଟ୍‌ରେ ପ୍ରଚାର କରାଯିବ ।

## ଆଇ ଡେ-ଦିଲ୍ଲୀ ମେଟ୍ରୋ

୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆସନ୍ତାକାଲି ଦିଲ୍ଲୀ ମେଟ୍ରୋର ସମସ୍ତ ଷ୍ଟେସନ୍‌ରୁ ସକାଳ ୪ଟାରୁ ମେଟ୍ରୋ ସେବା ମିଳିପାରିବ । ଦିଲ୍ଲୀ ମେଟ୍ରୋ ରେଳ ନିଗମ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସ୍ୱାଧୀନତା ଦିବସ ଉତ୍ସବରେ ଯୋଗଦେବା ଲାଗି ଆସୁଥିବା ସ୍ୱତନ୍ତ୍ର ଅତିଥି, ନିମନ୍ତ୍ରିତ ବ୍ୟକ୍ତିତ୍ୱ ଏବଂ ସାଧାରଣ ଲୋକଙ୍କ ପାଇଁ ଏହି

ବ୍ୟବସ୍ଥା କରାଯାଇଛି । ଦିଲ୍ଲୀ ମେଟ୍ରୋର ସମସ୍ତ ଲାଇନ୍‌ରେ ପ୍ରତି ୩୦ ମିନିଟ୍‌ରେ ରେଳ ଚଳାଚଳ କରିବ ।

ସୂଚନା ଯୋଗ୍ୟ ସ୍ୱାଧୀନତା ଦିବସ ପାଳନ ସ୍ଥଳୀର ନିକଟବର୍ତ୍ତୀ ଷ୍ଟେସନ ମଧ୍ୟରେ ଲାଲ୍‌କିଲ୍ଲା, ଜାମା ମସ୍‌ଜିଦ୍ ଏବଂ ଦିଲ୍ଲୀ ଗେଟ୍ ମେଟ୍ରୋ ଷ୍ଟେସନ୍ ରହିଛି ।

## ଇଣ୍ଡିଆ-ଲାଇବେରିୟା

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଲାଇବେରିୟାର ବୈଦେଶିକ ମନ୍ତ୍ରୀ ସାରା ବେୟସୋଲୋବ ନ୍ୟାନ୍ତିଙ୍କ ମଧ୍ୟରେ ଗତକାଲି ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି । ବୈଠକରେ ଭାରତ-ଲାଇବେରିୟା ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରାଯିବା ସହ ବାଣିଜ୍ୟ, ପୁଞ୍ଜିନିବେଶ, କୃଷି, ସ୍ୱାସ୍ଥ୍ୟ, ଶକ୍ତି, ଖଣିଜ, ଶିକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ଉଭୟ ନେତା ସାମର୍ଥ୍ୟ ନିର୍ମାଣ ଏବଂ ଲୋକସମ୍ପର୍କ ଦୃଢ଼ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ଲାଇବେରିୟାର ଦୂତାବାସ ଉଦ୍‌ଘାଟନ ନେଇ ଡକ୍ଟର ଜୟଶଙ୍କର ସେଠାକାର ବୈଦେଶିକ ମନ୍ତ୍ରୀ ନ୍ୟାନ୍ତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଉଭୟ ନେତା ବିଶ୍ୱସ୍ତରୀୟ ମଞ୍ଚରେ ଶାନ୍ତି ଏବଂ ବିକାଶକୁ

ପ୍ରାଧାନ୍ୟ ଦେବା ସହ ସହଯୋଗ ବୃଦ୍ଧି ଉପରେ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ।

## ନାଇଡୁ-ପାର୍ଲାମେଣ୍ଟ

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି, ସଂସଦର ମୌସୁମୀ ଅଧିବେଶନ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା ହେବା ଦ୍ୱାରା ବେସାମରିକ ବିମାନ ଚଳାଚଳ କ୍ଷେତ୍ର ସମ୍ପର୍କରେ ଆଲୋଚନା ଲାଗି ଆବଶ୍ୟକ ସମୟ ମିଳିପାରି ନାହିଁ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି, ସେ ସଂସଦରେ ବେସାମରିକ ବିମାନ ଚଳାଚଳ ସମ୍ପର୍କିତ ୨୮ଟି ତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ଦେବା ଲାଗି ପ୍ରସ୍ତୁତ ଥିଲେ । ୨୦୧୩ ମସିହା ମୌସୁମୀ ଅଧିବେଶନକାଳରେ ବେସାମରିକ ବିମାନ ଚଳାଚଳ ସମ୍ପର୍କିତ ୧୪ଟି ତାରକା ଚିହ୍ନିତ ପ୍ରଶ୍ନ ଥିବାବେଳେ ଚଳିତଥର ତାହା ଦ୍ୱିଗୁଣିତ ଥିଲା ।

## ଉତ୍ତରାଖଣ୍ଡ-ଟନେଲ୍

ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ନିର୍ମାଣାଧୀନ ଜଳବିଦ୍ୟୁତ୍ ପ୍ରକଳ୍ପ ସୁଡ଼ଙ୍ଗରେ ଗତକାଲି ସନ୍ଧ୍ୟାରେ ଭୂସ୍ଖଳନ ଘଟି ପାଣିପ୍ରବେଶ କରିଯିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି । ୧୪ ଜଣ ଗୁରୁତର ଆହତ ହୋଇଛନ୍ତି । ପ୍ରାଥମିକ ସୂଚନା ଅନୁଯାୟୀ ୨୨ ଜଣ ଶ୍ରମିକ ଟନେଲ୍ ମଧ୍ୟରେ ଫସି ରହିଥିଲେ । ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ବାହାରକୁ ଅଣାଯାଇଥିବା ବେଳେ ୬ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା । ଅନ୍ୟ ୧୪ ଜଣଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ଟନେଲ୍ ମଧ୍ୟରେ ଫସି ରହିଥିବା ଅନ୍ୟ ୨ ଜଣଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରି ନାହିଁ ।

ସୂଚନା ଅନୁଯାୟୀ ପିପଲକୋଟି ଅଞ୍ଚଳରେ ତେହେରି ଜଳବିଦ୍ୟୁତ୍ ବିକାଶ ନିଗମର ପ୍ରକଳ୍ପ ସ୍ଥଳୀରେ ଏହି ଦୁର୍ଘଟଣା ଘଟିଛି । ପୋଲିସ୍, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବାହିନି, କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ଓ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ବିପର୍ଯ୍ୟୟ ପରିଚାଳନା ଓ ପୁନଃ ଥଇଥାନ ବିଭାଗ ସଚିବ ବିନୋଦ କୁମାର ସୁମନ କହିଛନ୍ତି, ଜରୁରୀକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖାଯିବା ସହ ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଘଟଣାରେ ଚିନ୍ତାବ୍ୟକ୍ତ କରିବା ସହ ସମସ୍ତ ସଂସ୍ଥାକୁ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

# ପାର୍ଟିସନ୍ ହରହରସ୍ ରିମେମ୍ବରାନ୍ସ ଡେ

୧୯୪୭ ମସିହାରେ ବିଭାଜନ ସମୟରେ ପ୍ରାଣବଳୀ ଦେଇଥିବା ଏବଂ ଯନ୍ତ୍ରଣା ସହିଥିବା ଭାରତୀୟମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଭାଜନ ବିଭିସିକା ସ୍ମୃତି ଦିବସ । ଏହି ଦିବସକୁ ପାଳନ କରିବା ଲାଗି ରାଜଧାନୀ ଦିଲ୍ଲୀ ସମେତ ଦେଶର ବିଭିନ୍ନ ଭାଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । ବିଭାଜନ ସମୟରେ ପ୍ରାଣ ହରାଇଥିବା ଏବଂ ଦେଶରୁ ବିସ୍ଥାପିତ ହୋଇଥିବା ଲୋକମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇବା ଉଦ୍ଦେଶ୍ୟରେ ସରକାର ୨୦୨୧ ମସିହାରୁ ପ୍ରତ୍ୟେକ ବର୍ଷ ଅଗଷ୍ଟ ୧୪ ତାରିଖରେ ବିଭାଜନ ବିଭିସିକା ସ୍ମୃତି ଦିବସ ପାଳନ କରିବା ଲାଗି ନିଷ୍ପତ୍ତି ନେଇଥିଲେ । ଏହି ଦିବସ ଜରିଆରେ ଭବିଷ୍ୟତ ପିଢ଼ି ସେ ସମୟରେ ଲୋକମାନେ ସହ୍ୟ କରିଥିବା ଯନ୍ତ୍ରଣା ଓ କଷ୍ଟକୁ ମନେ ରଖିବେ କାରଣ ସ୍ୱାଧୀନ ଭାରତର ଜନ୍ମ ହିଂସାତ୍ମକ ବିଭାଜନ ଦ୍ୱାରା ଚିହ୍ନିତ ହୋଇଥିଲା ।

ଯାହା ଫଳରେ ଲକ୍ଷ ଲକ୍ଷ ଲୋକ ବିଭାଜନର କଷ୍ଟ ସହିଥିଲେ । ବିଭାଜନ ବିଭିସିକା ସ୍ମୃତି ଦିବସ ଲୋକମାନଙ୍କୁ ସାମାଜିକ ବିଭାଜନ, ଅସହମତି ଦୂର କରିବା ଏବଂ ଏକତା, ସାମାଜିକ ସଦ୍‌ଭାବ ଓ ସଶକ୍ତିକରଣର ଭାବନାକୁ ଆହୁରି ଦୃଢ଼ କରିବା ଲାଗି ପ୍ରେରଣା ଦେଇଥିଲା । ମାନବ ଇତିହାସର ସର୍ବବୃହତ ପ୍ରବାସନ ମଧ୍ୟରେ ଏହି ବିଭାଜନ ୨ କୋଟି ଲୋକଙ୍କୁ ପ୍ରଭାବିତ କରିଥିଲା ।

## ଶେଖାୱତ-ପାଟିସନ୍ ଡେ

ବିଭାଜନ ବିଭିସିକା ସ୍ମୃତି ଦିବସ ପୂର୍ବ ସନ୍ଧ୍ୟାରେ ଗତକାଲି ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଯୋଗଦେଇଥିଲେ । ସାମାଜିକ ଗଣମାଧ୍ୟମରେ ଶ୍ରୀ ଶେଖାୱତ ବିଭାଜନରେ ପ୍ରଭାବିତ ଲୋକମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସେ କହିଛନ୍ତି, ସରକାର ଦେଶର ଏକତା, ଅଖଣ୍ଡତା ଓ ସାମାଜିକ ସଦ୍‌ଭାବକୁ ଦୃଢ଼ କରିବା ଲାଗି ପ୍ରତିବଦ୍ଧ ।

## ଗିରିରାଜ-ହ୍ୟାଣ୍ଡଲୁମ୍ ହାଟ

କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ଆଜି ନୂଆଦିଲ୍ଲୀରେ ହ୍ୟାଣ୍ଡଲୁମ୍ ହାଟ–ହ୍ୟାଣ୍ଡଲୁମ୍ ଅନୁଭବ କେନ୍ଦ୍ରର ଉଦ୍‌ଘାଟନ କରିବେ । ଭାରତର ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ଅନୁଭବ କରିବା ଏବଂ ଏଥିରେ ସାମିଲ ହେବାର ଅନୁଭବ ଏହି ହାଟରୁ ମିଳିପାରିବ । ବୟନ ଶିଳ୍ପ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ହସ୍ତତନ୍ତ ଅନୁଭବ କେନ୍ଦ୍ର ଭାରତର ହସ୍ତତନ୍ତ ଇକୋସିଷ୍ଟମ୍‌କୁ ପ୍ରଦର୍ଶନ କରୁଛି, ଯେଉଁଥିରେ ପାରମ୍ପରିକ ଜ୍ଞାନକୁ ସଂରକ୍ଷଣ ରଖାଯିବା ସହ ଏହା ମାଧ୍ୟମରେ ସକ୍ରିୟ ଭାବେ ଏହାର ବିକାଶ ଲାଗି ପଦକ୍ଷେପ ନିଆଯାଉଛି । ଉଦ୍‌ଘାଟନୀ ପ୍ରଦର୍ଶନୀରେ ଜାତୀୟ ବୟନ ଶିଳ୍ପ ବିକାଶ ନିଗମ ଦ୍ୱାରା ଆୟୋଜିତ ହେବାକୁ ଥିବା ପ୍ରଦର୍ଶନୀରେ ୨୪

ଜଣ ପୁରସ୍କାର ବିଜେତାଙ୍କ ହାତତିଆରି ଉତ୍ପାଦ ଏବଂ ୩୦ରୁ ଅଧିକ ବ୍ରାଣ୍ଡ ଭାଗ ନେବେ ।

## ନେପାଳ ଲ୍ୟାଣ୍ଡସ୍ଲାଇଡ୍

ନେପାଳର ରୋଲପା ଜିଲ୍ଲାରେ ଭୂସ୍ଖଳନ ଘଟି ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ନିଖୋଜ ଅଛନ୍ତି । କାଠମାଣ୍ଡୁଠାରୁ ୪୫୦ କିଲୋମିଟର ଦୂର ପଶ୍ଚିମାଞ୍ଚଳ କୋଟାଲବରାରେ ପ୍ରବଳ ବର୍ଷା ହେବା ପରେ ଭୂସ୍ଖଳନ ଘଟିଥିଲା । ସେଠାକାର ସହକାରୀ ପୋଲିସ୍ ଅଧିକାରୀ ଶୈଳେନ୍ଦ୍ର ଥାପ୍ପା କହିଛନ୍ତି, ଘଟଣା ସ୍ଥଳରୁ ୭ଟି ମୃତ ଦେହ ଉଦ୍ଧାର କରାଯାଇଛି । ୨ ଜଣ ଗୁରୁତରଙ୍କୁ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ଭୂସ୍ଖଳନରେ ୨ ଜଣ ବୟସ୍କ ମହିଳା ଓ ତିନି ଜଣ ବୟସ୍କ ପୁରୁଷ ନିଖୋଜ ଥିବା ଜଣାପଡ଼ିଛି । ନେପାଳ ସେନା ଏବଂ ପୋଲିସ ପକ୍ଷରୁ ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

## ଇଣ୍ଡିଆ-ଇସ୍ରାଏଲ୍ ହାକାଥନ

ସ୍ୱାସ୍ଥ୍ୟସେବା ପୁନଃ ସ୍ଥାପନ ଶୀର୍ଷକରେ ଆୟୋଜିତ ପ୍ରଥମ ଭାରତ-ଇସ୍ରାଏଲ୍ ହାକାଥନ୍‌ରେ ଉଭୟ ଦେଶର ବହୁ ସଂଖ୍ୟାରେ ଯୁବ

ନବସୃଜନକାରୀ ଭାଗ ନେଇଛନ୍ତି । ୧୪ଟି ସମସ୍ୟା ମୂଳକ ପ୍ରସଙ୍ଗକୁ ନେଇ ଉଭୟ ଦେଶର ଏକ ହଜାର ୩୦୦ ଛାତ୍ରଛାତ୍ରୀ ଓ ବ୍ୟକ୍ତିବିଶେଷ ଏହି ହାକାଥନ୍‌ରେ ଭାଗ ନେଇଥିବା ସୂଚନା ମିଳିଛି । ଇସ୍ରାଏଲ୍‌ରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଜେ.ପି. ସିଂହ ହାକାଥନ୍ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

## ଆଇଏଏଫ୍-କମାଣ୍ଡ

ଭାରତୀୟ ବାୟୁସେନାର ସ୍କ୍ୱାଡ୍ରନ୍ ଲିଡର ଭାବନା କାନ୍ତ ପ୍ରଥମ ମହିଳା ଅଧିକାରୀ ଭାବେ ଗ୍ୱାଲିୟର୍ ସ୍ଥିତ ଟାକ୍‌ଟିସ୍ ଏବଂ ଏୟାର୍ କମ୍ବାଟ୍ ଡେଭଲପ୍‌ମେଣ୍ଟ ଏଷ୍ଟାବ୍ଲିସ୍‌ମେଣ୍ଟରେ ଫାଇଟ୍‌ର କମ୍ବାଟ୍ ଲିଡର ଭାବରେ ଯୋଗ୍ୟତା ଅର୍ଜନ କରି ଇତିହାସ ସୃଷ୍ଟି କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଭାରତୀୟ ବାୟୁସେନା କହିଛି, ଏହି ଐତିହାସିକ ସଫଳତା, ବୃତ୍ତିଗତ ଉତ୍କର୍ଷତା, ଯୁଦ୍ଧ କୌଶଳ ଏବଂ ବାୟୁସେନାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ପାକିସ୍ତାନ-କିଲ୍ଡ

ପାକିସ୍ତାନର ଖାଇବର ପଖତୁଆଁ ଅଞ୍ଚଳରେ ସୁରକ୍ଷାବଳ ସହ ଗୁଳି ବିନିମୟରେ ୧୫ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ କେତେଜଣ ଆହତ ହୋଇଛନ୍ତି । ସେଠାକାର ଜଣେ ପୋଲିସ୍ ଅଧିକାରୀ କହିଛନ୍ତି, ବରିକୋଟ୍ ଗ୍ରାମ ନିକଟରେ ଆତଙ୍କବାଦୀମାନେ ଏକ ଚେକ୍ ପୋଷ୍ଟ ଉପରେ ଆକ୍ରମଣ କରିବା ଲାଗି ପ୍ରସ୍ତୁତ ହେଉଥିବା ବେଳେ ପୋଲିସ୍ ଏବଂ ସୁରକ୍ଷାବଳ ମିଳିତ ଭାବେ ଆକ୍ରମଣ କରିଥିଲେ । ସମ୍ପୃକ୍ତ ଅଞ୍ଚଳକୁ ଘେରା ବନ୍ଦୀ କରାଯାଇ ତଲାସୀ ଅଭିଯାନ ଜାରି ରହିଥିବା ସୂଚନା ମିଳିଛି ।

## ବୀରେନ୍ଦ୍ର କୁମାର-ଏନ୍‌ସିଏସ୍‌ସି

କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତି କରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଆଜି ନୂଆଦିଲ୍ଲୀରେ ଜାତୀୟ ବରିଷ୍ଠ ନାଗରିକ ପରିଷଦର ପଞ୍ଚମ ବୈଠକରେ ଅଧ୍ୟକ୍ଷତା କରିବେ । ବୈଠକରେ ବରିଷ୍ଠ ନାଗରିକମାନଙ୍କ କଲ୍ୟାଣ ସମ୍ବନ୍ଧିତ ବିଭିନ୍ନ ପ୍ରସଙ୍ଗ ଉପରେ ବିଚାର ଆଲୋଚନା କରାଯିବ । ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ବିଚାର ବିମର୍ଷ ଦ୍ୱାରା ବରିଷ୍ଠ ନାଗରିକମାନଙ୍କ ପାଇଁ ଆନ୍ତଃ ମନ୍ତ୍ରଣାଳୟ ସମନ୍ୱୟ ଦୃଢ଼ କରାଯିବା ସହ

ସେମାନଙ୍କ ଲାଗି ସମ୍ମାନଜନକ ଓ ସୁରକ୍ଷିତ ଜୀବନ ସୁନିଶ୍ଚିତ କରାଯାଇପାରିବ । କାର୍ଯ୍ୟକ୍ରମରେ ବୟସାଧିକ ବ୍ୟକ୍ତିଙ୍କ ପୋଷଣ ଓ ଅନ୍ୟାନ୍ୟ ପ୍ରସଙ୍ଗ ସମ୍ବଳିତ ଇ-ବୁକ୍ ସ୍ନେହାର ଉନ୍ମୋଚନ କରାଯିବ ।